## ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ



କୋରାପୁଟ,୭।୧(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉତ୍ସବ ପାଳନ ସଂପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ପୂର୍ବରୁ ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। ୨୫ ତାରିଖ ଦିନ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଆଲୋକୀକରଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଓ ବୃକ୍ଷ ରୋପଣ କାର୍ଯ୍ୟକମ କରାଯିବ। ୨୬ ତାରିଖ ଦିନ ସକାଳ ୫ ଘଟିକା ସମୟରେ ଡାକବାଜି ଯନ୍ତ୍ର ଦ୍ୱାରା ସହରରେ ରାମଧୂନ ଗାନ,ସକାଳ ୭ଟା ସମୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ଏବଂ ସକାଳ ୮ଟା ୩୦ ମିନିଟରେ ପୁଲିସ ପଡିଆ ଠାରେ ଆନୁଷ୍ଠାନିକ ଭାବେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ ବୋଲି ନିଷ୍ପତି ନିଆଯାଇଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ମାଣ୍ଡିଆ, କଳାଜିରା ଧାନ, କୋଟପାଡ଼ର ମିରିଗାନ ଶାଢ଼ୀ ପ୍ରଦର୍ଶନ ପାଇଁ ନିଷ୍ପତି ନିଆଯାଇଛି। କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଧା ରାଣୀ ସରକାର ବୈଠକ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର ଏ କେ ବେହେରା, ସନ୍ତୋଷ କୁମାର ସେଠୀ, ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥଲେ।

### କେନାଲରେ ପାଣି ଛାଡିବା ନେଇ ଦୁଇ ଚାଷୀ ଗୋଷ୍ଠୀ ମୁହାଁମୁହିଁ ଘଟଣା

# ୩ ପଞ୍ଚାୟତରେ ଉପ ଜିଲ୍ଲାପାଳଙ୍କ ନେତୃତ୍ୱରେ ତଦନ୍ତ

ଜୟପୁର, ୭ ।୧(ସମିସ):

କୋରାପୁଟ ଜିଲ୍ଲା ଜୟପୁର କୋଲାବ ଇରିଗେସନ ବିଭାଗର ଅଧିନରେ ରହିଥିବା ପଦ୍ମପୁର ଡିଷ୍ଟ୍ରିବ୍ୟୁଟରରେ ନିର୍ମାଣ ହେବା ଦିନ ଠାରୁ ପ୍ରାୟ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ହେବ ଉପକେନାଲ ନିର୍ମାଣ ହୋଇଛି। କିନ୍ତୁ ଅଧିକାଂଶ ସ୍ଥାନରେ ଏହି କେନାଲ ଭାଙ୍ଗି ଚାଷ ଜମି ପହଞ୍ଚିବା ପୂର୍ବରୁ ଅଧିକାଂଶ ସ୍ଥାନରେ ଏହି ଜଳ ଅପବ୍ୟୟ ହେଉଛି। ତେଣୁ ତୁରନ୍ତ ଚଳିତ ବର୍ଷ ରବିଧାନ ଚାଷ ବନ୍ଦ କରାଯାଇ କେନାଲର ଉପଯୁକ୍ତ ମରାମତି କରାଯିବାକୁ ପଦ୍ମପୁର ଡିଷ୍ଟ୍ରିବ୍ୟୁଟର ଟାଙ୍ଗୁଆ, ଡଙ୍ଗରଛିଞ୍ଚି ଏବଂ ବାଲିଆ ଗ୍ରାମପଞ୍ଚାୟତର ଗୋଟିଏ ଗୋଷ୍ଠୀର ଚାଷୀ ମାନେ ଦାବି କରିଛନ୍ତି। କିନ୍ତୁ ଅନ୍ୟ ଏକ ଗୋଷ୍ଠୀର ଚାଷୀ ମାନେ କେନାଲରେ ପାଣି ନ ଛାଡିଲେ ସେମାନେ ଚାଷ ଉପରେ ନିର୍ଭର କରୁଥିବା କ୍ଷୁଦ୍ରଚାଷୀ ମାନେ ଆୟ ବନ୍ଦ ହେବା ସହିତ ସେମାନଙ୍କ ଜୀବନଜୀବିକା ଉପରେ ପ୍ରଭାବ ପଡିବ ବୋଲି ଅଭିଯୋଗ କରିଛନ୍ତି। ଏହିପରି ଦୁଇ ଗୋଷ୍ଠୀର ଚାଷୀଙ୍କ ମତ ଭିନ୍ନ ଭିନ୍ନ ଓ ଦାବିକ ନେଇ ଜିଲ୍ଲାପ୍ରଶାସନ ଦ୍ୱନ୍ଦରେ ପଡିଛନ୍ତି। ତେଣୁ ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ଉପଜିଲ୍ଲାପାଳ ଏ .ଶଶ୍ୟା ରେ‡ଙ୍କ ନେତୃତ୍ୱରେ ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନାଙ୍କୁ ନେଇ ଏକ ତଦନ୍ତକାରୀ ଦଳ ଟାଙ୍ଗୁଆ, ଡଙ୍ଗରଛିଞ୍ଚି ଏବଂ ବାଲିଆ ଗ୍ରାମପଞ୍ଚାୟତରେ ଗ୍ରାମପଞ୍ଚାୟତରେ ପହଞ୍ଚି ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଉକ୍ତ ପଞ୍ଚାୟତ ଗୁଡିକର ଚାଷୀ ମାନଙ୍କୁ ନେଇ ପୃଥକ ପୃଥକ ବୈଠକ କରାଯାଇଥିଲା। ପ୍ରଥମେ ଟାଙ୍ଗୁଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ପୂର୍ବାହ୍ନରେ ପହଞ୍ଚିଥିଲେ ଏବଂ ଚାଷୀ ମାନଙ୍କ ମତାମତ ଗ୍ରହଣ କରିଥିଲେ। କିନ୍ତୁ କୌଣସି ସୂଚନା ନଥିବା ଯୋଗୁଁ ଟାଙ୍ଗୁଆ ଗ୍ରାମପଞ୍ଚାୟତରେ ଅଳ୍ପ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ। କିନ୍ତୁ ପ୍ରାୟ ଅଧିକାଂଶ ଟାଙ୍ଗୁଆ ଗ୍ରାମପଞ୍ଚାୟତର ଚାଷୀ ମାନେ ଚଳିତ ବର୍ଷ ରବି ଧାନ ଚାଷ ବନ୍ଦ କରାଯାଇ କେନାଲ ଗୁଡିକର ତୁରନ୍ତ ମରାମତି କରିବାକୁ ଦାବି କରିଥିଲେ। କିନ୍ତୁ ସେଠାରେ କିଛି ଅନ୍ୟ ଗୋଷ୍ଠୀର ଚାଷୀ ପହଞ୍ଚି କେନାଲରେ ପାଣି ଛାଡିବାକୁ ଦାବି କରିଥିଲେ। ଚାଷ ଉପରେ ନିର୍ଭର କରୁଥିବା ଚାଷୀ ମାନେ ହଇରାଣ ହୋଇଯିବେ ଏବଂ ଆସନ୍ତା ୧୦ ଦିନ ମଧ୍ୟରେ କେନାଲର ମରାମତି କରାଯାଇ ପାଣି ଛାଡିବାକୁ ଯୁକ୍ତି ବାଢିଥିଲେ। ଏହିପରେ ଏହି ସରକାରୀ ଦଳ ଡଙ୍ଗର ଛିଞ୍ଚି ଗ୍ରାମପଞ୍ଚାୟତ କାର୍ଯାଳୟ ଠାରେ ପହଞ୍ଚିଥିଲେ। କିନ୍ତୁ ଡଙ୍ଗରଛିଞ୍ଚି ଗ୍ରାମପଞ୍ଚାୟତର ପ୍ରାୟ ଶତାଧିକ ଚାଷୀ ଉପସ୍ଥିତ ରହିବା ସହିତ ଚଳିତ ବର୍ଷ କେନାଲରେ ପାଣି ବନ୍ଦ କରାଯାଇ ନିର୍ମାଣ କରାଯାଉ। ଏହିପରି ଗତ ଦୀର୍ଘ ୨୫ ବର୍ଷ ହେଲାଣି କେନାଲର ପାଣି ବନ୍ଦ କରାଯାଇନାହିଁ, ଫଳରେ କେନାଲ ଭଙ୍ଗାରୁଜା ଅବସ୍ଥାରେ ରହିଥିବା ଯୋଗୁଁ ଅଯଥା ପାଣି ଅପଚୟ ହେଉଛି। ଏହିପରି ଅଧିକାଂଶ ଜମିରେ ସାରାବର୍ଷ କାଦୁରେ ରହୁଥିବା ଯୋଗୁଁ ଟ୍ରାକ୍ଟର, ପାୱାର ଟେଲର ଜମିରେ ଚାସି ନପାରିବା ଯୋଗୁଁ ଚାଷ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି। ଯେଉଁ ମାନେ ଜମିରେ ପାଣି ଛାଡିବା ସହିତ ରବିଧାନ ଚାଷ କରିବାକୁ ଦାବି କରୁଛନ୍ତି ସେମାନେ ସମସ୍ତେ ଦଲାଲ, ଗରୀବଚାଷୀଙ୍କ ହଇରାଣ ହେବେ ବୋଲି କହି ସେମାନେ ସେମାନଙ୍କ ଠାରୁ ସ୍ୱଳ୍ପ ଦରରେ ଧାନ କ୍ରୟ କରିବା ସହିତ ବ୍ୟବସାୟ କରୁଛନ୍ତି ବୋଲି ଡଙ୍ଗରିଛିଞ୍ଚି ଗ୍ରାମପଞ୍ଚାୟତର ନେତୃତ୍ୱର ନେଉଥିବା ଚାଷୀ ନରସିଂହ ନାୟକ ଅଭିଯୋଗ କରିଛନ୍ତି। ଡଙ୍ଗରଛିଞ୍ଚି ଗ୍ରାମପଞ୍ଚାୟତରେ କେନାଲର ଜଳ ଛାଡିବା ସପକ୍ଷରେ ଜଣେ ହେଲେ ଚାଷୀ ନିଜର ମତାମତ ଦେଇନଥିଲେ। ଏହିପରି ଟଙ୍କୁଆର ସରପଞ୍ଚ ରୁକ୍ମଣୀ ଗାଦବା ଏବଂ ଡଙ୍ଗରଛିଞ୍ଚିର ସରପଞ୍ଚ କମଳଲୋଚନ ଗାଦବା ଚଳିତ ଖରିଫ ଋତୁ ନିମନ୍ତେ କେନାଲରେ ପାଣି ନ ଛାଡିବାକୁ ମତାମତ ଦେଇଥିଲେ। ଏହି ଦଳ ଏହାପରେ ବାଲିଆ ଗ୍ରାମ ପଞ୍ଚାୟତକୁ ଯାଇଥିଲେ। କିନ୍ତୁ ସେଠାରେ ଅଧିକାଂଶ ଚାଷୀ କେନାଲରେ ପାଣି ଛାଡିବା ସପକ୍ଷରେ ମତାମତ ଦେଇଥିବା ବେଳେ ଅଳ୍ପ ସଂଖ୍ୟକ ଚାଷୀ ବିରୋଧ କରିଥିଲେ। ବାଲିଆ ସରପଞ୍ଚ ସରସ୍ୱତୀ ମାଝି ମଧ୍ୟ ସର୍ବାଧିକ ଚାଷୀଙ୍କ ମତାମତ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ ପ୍ରକାଶ କରିଥିଲେ। ସେହିପରି ପଦ୍ମପୁର ଡିଷ୍ଟ୍ରିବ୍ୟୁଟରର ୩ଟି ପଞ୍ଚାୟତ ମଧ୍ୟରୁ ୨ ପଞ୍ଚାୟତର ସର୍ବାଧିକ ଚାଷୀ ଏବଂ ସରପଞ୍ଚ ପାଣି କେନାଲରେ ବନ୍ଦ କରିବାକୁ ମତାମତ ଦେଇଥିବା ବେଳେ ଗୋଟିଏ ପଞ୍ଚାୟତ ସର୍ବାଧିକ ଚାଷୀ ଏବଂ ସରପଞ୍ଚ ପାଣି କେନାଲରେ ଛାଡିବା ନେଇ ମତାମତ ଦେଇଛନ୍ତି। ଏହିପରି ଡଙ୍ଗରିଛିଞ୍ଚିର ଚାଷୀ ମାନେ ଟଙ୍କା ଅଟକଳ ଏବଂ ବରାଦ ହୋଇଥିବା ବେଳେ ନିର୍ମାଣ ଓ ମରାମତି କରାନଗଲେ ଯଦି କେନାଲରେ ପାଣି ଛଡାଯାଏ ତାହାହେଲେ କେନାଲରେ ମାଟିଢାଳାଇ କରିବା ସହିତ ବନ୍ଦ କରାଯିବ ଏବଂ ଉକ୍ତ କେନାଲ ପାଣିରେ ବୁଡ଼ି ମରିବାକୁ ମଧ୍ୟ ଚେତାବନୀ ଦେଇଛନ୍ତି। ଏହିପରି ପରିସ୍ଥିତିରେ ଆଗାମୀ ଦିନରେ ପ୍ରଶାସନ କଣ ପଦକ୍ଷପ ନେଇ ସେଥିନେଇ ଦ୍ୱନ୍ଦରେ ରହିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଇରିଗେସନ ବିଭାଗର କନିଷ୍ଠ ଯନ୍ତ୍ରୀ ମାଧବାନନ୍ଦ ଶତପଥି, ରାଜସ୍ୱ ସୁପରଭାଇଜର ହରିହର ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ ୩ କୋର୍ଟ ଚାଲାଣ



ଗୁଡାରୀ,୭।୧(ସମିସ): ସୋମବାର ଦିନ ନାଇରା ଗ୍ରାମରେ ଜଣେ ଦିବ୍ୟାଙ୍ଗ ଯୁବତୀକୁ ଗଣଦୁର୍ଷମ ଘଟଣାରେ ଗୁଡାରୀ ଥାନାରେ ତିନି ଜଣକୁ ଅଟକ ରଖାଯାଇଥିଲା। ମଙ୍ଗଳବାର ଦିନ ପୀଡ଼ିତାଙ୍କ ବୟାନ ରେକର୍ଡ କରି ଡାକ୍ତରୀ ପରୀକ୍ଷା କରାଯାଇଥିଲା। ବୁଧବାର ଦିନ ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନିର୍ଦ୍ଦେଶରେ ତିନି ଜଣ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା କରାଯିବା ପରେ କେଶ ସଂଖ୍ୟା ୦୨/୨୦୨୬ ରୁଜୁ ପ୍ରକାରେ ଅପରାହ୍ନ ୪ ଘଣ୍ଟା ସମୟରେ ଗୁଣୁପୁର କୋର୍ଟ ଚାଲାଣ କରାଯାଇଛି।

## ମା’ ଶୀତଳା ଠାକୁରାଣୀଙ୍କ ଘଟଯାତ୍ରା ପ୍ରସ୍ତୁତି ବୈଠକ



କୋଟପାଡ଼, ୭।୧(ସମିସ): ମଙ୍ଗଳବାର ମା’ଶୀତଳା ଠାକୁରାଣୀ ମନ୍ଦିର ପ୍ରାଙ୍ଗଣଠାରେ ଚଳିତ ବର୍ଷ ୨୦୨୬ ତ୍ରୟବାର୍ଷିକ ଘଟଯାତ୍ରା ଉପଲକ୍ଷେ ପୂର୍ବ କମିଟି ସଭାପତି ମଣି ପ୍ରସାଦ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କୋଟପାଡ଼ ବିଧାୟକ ରୁପୁ ଭତରା, ଦେବତ୍ତର କମିଟି ଅଧ୍ୟକ୍ଷ ତଥା ତହସିଲଦାର ଟ୍ୟୁଙ୍କଲ ସେଠୀ, ଅତିରିକ୍ତ ତହସିଲଦାର ପର୍ଶୁରାମ ଭତରା ଉପସ୍ଥିତ ଥିଲେ। ପୂର୍ବ କମିଟି ସମ୍ପାଦକ ରାମେଶ୍ୱର ଜେନା ବିଗତ ଘଟଯାତ୍ରାର ସମସ୍ତ କାର୍ଯ୍ୟକ୍ରମର ବିଭିନ୍ନ ଖର୍ଚ୍ଚାନ୍ତ ଗୁଡିକ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ମନ୍ଦିର ପରିସରରେ ଗୋଟିଏ କଲ୍ୟାଣ ମନ୍ଦିର ନିର୍ମିତ ଖର୍ଚ୍ଚାନ୍ତ ୪୮ ଲକ୍ଷ ଟଙ୍କା ହୋଇଥିବା ପ୍ରକାଶ କରିଥିଲେ। ତତ୍ ପାଶ୍ଚାତ ବିଗତ ଘଟ ଯାତ୍ରାରେ ପୂର୍ବ କମିଟିର ସୁନ୍ଦର ପରିଚାଳନା ହୋଇଥିବାରୁ ସେହି କମିଟିକୁ ସର୍ବସମତି କ୍ରମେ ପୁଣିଥରେ ଆସନ୍ତା ଘଟଯାତ୍ରାକୁ ପରିଚାଳନା କରିବା ପାଇଁ ସବସମ୍ମତି ପ୍ରସ୍ତାବ ଗୃହୀତ କରାଯାଇଥିଲା। କମିଟି ସଭାପତି ମଣି ପ୍ରସାଦ ପଟ୍ଟନାୟକ ଆଗାମୀ ଘଟଯାତ୍ରା କିପରି ଶାନ୍ତିଶୃଙ୍ଖଳା ଭାବରେ ଅନୁଷ୍ଠିତ ହେବ। ସମସ୍ତ କୋଟପାଡ଼ବାସୀଙ୍କ ପୂର୍ଣ୍ଣ ସହଯୋଗର କାମନା କରି ଓ ପୁଣିଥରେ ସଭାପତି ଚୟନ କରାଯାଇଥିବାରୁ ଉପସ୍ଥିତ କୋଟପାଡ଼ବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଧାୟକ ରୁପୁ ଭତରା ତାଙ୍କ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଦେଇଥିବା ପ୍ରକାଶ କରିଥିଲେ। ପୁଣିଥରେ ଦଶଲକ୍ଷ ଦେବା ପାଇଁ ପ୍ରସ୍ତାବ ଦେବା ସଙ୍ଗେ ସଙ୍ଗେ ଆଗାମୀ ଘଟଯାତ୍ରାରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ। ଦେବତ୍ତୋର ଅଧ୍ୟକ୍ଷ ଟ୍ୟୁଙ୍କଲ ସେଠୀ ବିଗତ ଯାତ୍ରାର ସମ୍ପୂର୍ଣ୍ଣ ବିବରଣୀ ଶୁଣିବା ପରେ ଆଗାମୀ ଘଟଯାତ୍ରା ସୁନ୍ଦର ସହିତ ଶାନ୍ତି ଶୃଙ୍ଖଳା ଭାବରେ ଅନୁଷ୍ଠିତ ହେବ । ସମସ୍ତ ସଦସ୍ୟ ମାନଙ୍କ ସହଯୋଗ କାମନା କରିଥିଲେ। ଆଜିର ପ୍ରସ୍ତୁତି ବୈଠକରେ କମିଟି ସଭାପତି ମଣି ପ୍ରସାଦ ପଟ୍ଟନାୟକ, ଉପସଭାପତି ସୁଧୀର ମହାନ୍ତି, ସମ୍ପାଦକ ରାମେଶ୍ୱର ଜେନା, ସହ ସମ୍ପାଦକ ବାପୁନ ମିଶ୍ର ଓ ମଧୁସୂଦନ ଦେବାନ, କୋଷାଧକ୍ଷ ବିନାୟକ ଆଚାର୍ଯ୍ୟ ମନୋନୀତ ହୋଇଥିଲେ। ଆଜିର କାର୍ଯ୍ୟକ୍ରମରେ ଭାରତ ମିଡ଼ିଆର ଅଜୟ କୁମାର ମିଶ୍ର, ପ୍ରେସକ୍ଲବ ସଭାପତି ପଙ୍କଜ ପାତ୍ର, ସମ୍ପାଦକ ଶଙ୍କର ପଣ୍ଡା, ହରିଶ ପଟ୍ଟନାୟକ, ସକାଳ ପ୍ରତିନିଧି ଶୈଳେନ୍ଦ୍ର ମାଦଳାଙ୍କ ସହିତ କୋଟପାଡ଼ ଅଞ୍ଚଳର ୧୩ ୱାର୍ଡ ରୁ ମାନ୍ୟଗଣ୍ୟ ବ୍ୟକ୍ତ ଉପସ୍ଥିତ ଥିଲେ। ଶେଷରେ ସମସ୍ତଙ୍କୁ ଦେବେନ୍ଦ୍ର ବୈଦ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ମଣି ପ୍ରସାଦ ପଟ୍ଟନାୟକ ବୈଠକ ଶେଷ କରିଥିଲେ ।

## ପାଣି ପଞ୍ଚାୟତ ପକ୍ଷ ପାଳିତ

କୋରାପୁଟ,୭।୧(ସମିସ): କୋରାପୁଟ ଉଠା ଜଳସେଚନ ବିଭାଗ ଦ୍ୱାରା ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ନିର୍ବାହୀ ଯନ୍ତ୍ରୀ ଯୁଗଳ କିଶୋର ଟାକ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, କୋରାପୁଟ ବ୍ଲକ ଉପାଧ୍ୟକ୍ଷ ଶିବ ଗୋଲରି, କୋରାପୁଟ କୃଷି ଜିଲ୍ଲା ଅଧିକାରୀ ହେମନ୍ତ କୁମାର ପଢିହାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ସୁଦାମ ବିଶ୍ୱାଳ ଓ କୋରାପୁଟ ଉଠା ଜଳସେଚନ ମଣ୍ଡଳର ଅଧିକ୍ଷଣ ଯନ୍ତ୍ରୀ ଇ. ବିନୋଦ ଚନ୍ଦ୍ର ଦାଶ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲ ପିଲା ମାନଙ୍କ ଦ୍ୱାରା ଜଳ ସେଚନ ସମ୍ପର୍କିତ ବିଭିନ୍ନ ପ୍ରକଳ୍ପର ପ୍ରଦର୍ଶନ କରାଯାଇଥିଲା। ସେମାନଙ୍କୁ ଅତିଥୀଙ୍କ ଦ୍ୱାରା ଆର୍ଥିକ ରାଶି ସହ ମାନ ପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଏଥି ସହିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଜଳର ସଦ ବ୍ୟବହାର ଓ ସରକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ସଚେତନ କରାଇବା ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ନିର୍ବାହୀ ଯନ୍ତ୍ରୀ ଇଂ ଟାକ୍ରୀ ପ୍ରକାଶ କରିଛନ୍ତି। ଜିଲ୍ଲାରେ ୧୭୬୧ ଟି ଉଠା ଜଳସେଚନ ପ୍ରକଳ୍ପ ରହିଛି । ସେଥିରୁ ୧୬୭୯ ଟି ସଚଳ ଓ ୮୨ଟି ଅଚଳ ହୋଇଥିବା ସେ ସୂଚନା ଦେଇଛନ୍ତି। ୧୬୭୯ଟି ସଚଳ ପ୍ରକଳ୍ପ ଦ୍ୱାରା ୩୪୭୦୫ ହେକ୍ଟର ଚାଷ ଜମିକୁ ଜଳ ଯୋଗାଇ ଦିଆଯାଉଛି ବୋଲି ସେ ପ୍ରକାଶ କରିଛନ୍ତି। କୋରାପୁଟ ଉଠା ଜଳସେଚନ ବିଭାଜନ ଅଧୀନରେ ଥିବା ପାଣି ପଞ୍ଚାୟତର ଚାଷୀ ରାଧାନାଥ ଭଟ୍ଟ ଓ ନରେନ୍ଦ୍ର କୁମାର ପ୍ରଧାନଙ୍କ ସମେତ ଚାଷୀ ମାନେ ଉପସ୍ଥିତ ରହିଥିଲେ।

## ଚତୁର୍ଦ୍ଧାମୂର୍ତ୍ତି ସୁନାବେଶ କମିଟିର ରକ୍ତଦାନ ଶିବିର



ସେମିଳିଗୁଡ଼ା/ଦାମନଯୋଡ଼ି, ୭।୧ (ସମିସ): କୋରାପୁଟ ଜିଲ୍ଲା ଦାମନଯୋଡିର ଶିଳ୍ପ ନଗରୀ ନାଲ୍‌କୋ ଟାଉନସିପ ସେକ୍ଟର୨ ସ୍ଥିତ ଚତୁର୍ଦ୍ଧାମୂର୍ତ୍ତି ସୁନାବେଶ କମିଟି ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସୁନାବେଶ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ୟାମ୍ପକୁ ନାଲ୍‌କୋ କର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ ଓ ମାନବ ସମ୍ବଳ ବିଭାଗ ମୁଖ୍ୟ ଏସ ଏ ବାସୁ ମୁଖ୍ୟ ମହା ପ୍ରବନ୍ଧକ ରିବନ୍ କାଟି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରକ୍ତଦାତା ମହାସଂଘ ତରଫରୁ ଡ. ଚିତ୍ତରଂଜନ ମିଶ୍ର ଓ ସ୍ନିଗ୍ଧା ମିଶ୍ର ଓ ପିଏମ୍ ସାହୁ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ୟାମ୍ପକୁ ସନ୍ତୋଷ କୁମାର ମିଶ୍ର, ନିରଞ୍ଜନ ପାତ୍ର, ରତିନ୍ଦ୍ରନାଥ ପ୍ରଧାନ, ସନ୍ତୋଷ ସେନାପତି, ପ୍ରକାଶ ଓ ସୁଶାନ୍ତ ତଥା ଫେଡେରେସନ ଅଫ୍ ବ୍ଲଡ ଡୋନର ଅର୍ଗାନାଇଜେସନ ଅଫ୍ ଓଡ଼ିଶା (ଏଫବିଡିଓ ଓ)ର ପବିତ୍ର ସାହୁ ପରିଚାଳନା କରିବା ସହ ସହଯୋଗ କରିଥିଲେ। ବହୁ ରକ୍ତଦାତା ପ୍ରଥମଥର ରକ୍ତଦାନ କରିଥିଲେ। କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ବ୍ଲଡ୍ ବ୍ୟାଙ୍କ ଷ୍ଟାଫ ଭି ଗଙ୍ଗାଧର, ଅଜିତ, ଜଗତ ଓ ରବୀନ୍ଦ୍ର ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରୁ ଦୁଇଟି ଦମ୍ପତିଙ୍କ ସମେତ ମୋଟ ୩୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଓଡିଶା ରକ୍ତଦାତା ମହାସଂଘ ତରଫରୁ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରିବା ପାଇଁ ସହାୟତା ପ୍ରଦାନ କରାଯାଇଥିଲା।

## ରାୟଗଡ଼ା ପ୍ରେସ୍ କ୍ଲବ୍‌ର କର୍ମକର୍ତ୍ତା ଚୟନ

ରାୟଗଡ଼ା,୭।୧(ସମିସ): ପ୍ରେସ କ୍ଲବ ରାୟଗଡ଼ା ପକ୍ଷରୁ ଚଳିତ ବର୍ଷର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୂତନ କମିଟି ସଦସ୍ୟ ପାଇଁ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ଅଧିକାରୀ ଭାବେ କ୍ଲବର ଆଇନ ପରାମର୍ଶଦାତା ମଦନମୋହନ ପାଢୀଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ପ୍ରକ୍ରିୟା କରାଯାଇ ସଭାପତି, ସାଧାରଣ ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ପ୍ରସ୍ତାବକ ଓ ସମର୍ଥକଙ୍କ ଅନୁସାରେ ଏବଂ ସର୍ବସମ୍ମତି କ୍ରମେ ସଭାପତି ଭାବେ ସଂଗ୍ରାମ କେଶର ପଟନାୟକ, ସାଧାରଣ ସମ୍ପାଦକ ଭାବେ ୱାଇ.ଦାମୋଦର, ଉପସଭାପତି ଭାବେ ଶିବସାଇ ବଳ୍ପିପାତ୍ର, ସଂଗଠନ ସମ୍ପାଦକ ଭାବେ ସୁଶାନ୍ତ ପ୍ରଧାନଙ୍କୁ



ଚୟନ କରାଯାଇଛି। ସେହିଭଳି ଯୁଗ୍ମ ସମ୍ପାଦକ ଭାବେ ସୁଶାନ୍ତ ଦାସ ଏବଂ କୋଷାଧକ୍ଷ ଭାବେ ସୀମାଂଚଳ ପଣ୍ଡାଙ୍କୁ ଚୟନ କରାଯାଇଛି। ଏତଦବ୍ୟତିତ ସୁବ୍ରତ କୁମାର ଚୌଧୁରୀ ଓ ବିଏଚ. ନାଗରାଜୁଙ୍କୁ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଚୟନ କରାଯାଇଛି। ଏହାପରେ ସମସ୍ତ ସଦସ୍ୟ ନବନିର୍ବାଚିତ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ ସଭାପତି ଯୋଗେଶ୍ୱର ଦାସ, ପୂର୍ବତନ ସାଧାରଣ ସମ୍ପାଦକ ରଞ୍ଜନ ରଥ, ଗୋପରଞ୍ଜନ ବଳ୍ପିପାତ୍ର, ବି.ଶ୍ରୀନିବାସ, ଗୋପାଳ ଅଧିକାରୀ, ସନ୍ତୋଷ ସାହୁ, ବାଲକ୍ରିଷ୍ଣା ପଟନାୟକ, କେ.ନୀତିନ ଚୌଧୁରୀଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ରାୟଗଡ଼ା ଡାକ ମଣ୍ଡଳର ଦକ୍ଷ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



ରାୟଗଡ଼ା, ୭।୧(ସମିସ): ରାୟଗଡ଼ା ସହର ସ୍ଥିତ ମୁଖ୍ୟ ଡାକଘର ପରିସରରେ ରାୟଗଡ଼ା ଡାକ ମଣ୍ଡଳ ତରଫରୁ ପୋଷ୍ଟ ମାଷ୍ଟର ଜେନେରାଲ ବ୍ରହ୍ମପୁର ପ୍ରାନ୍ତର କର୍ଣ୍ଣେଲ ବିନୋଦ କୁମାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଉତ୍ସବରେ ରାୟଗଡ଼ା ଡାକ ମଣ୍ଡଳରେ କାର୍ଯ୍ୟରତ ଦକ୍ଷ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପ ଡାକପାଳ ଫୁଲମାନି ଏକ୍କା, ଜେକେପୁର ବଜାର ଡାକଘର, ଉପ ଡାକପାଳ ଚକ୍ରପାଣି ଦଳପତି, ରାୟଗଡ଼ା ବଜାର ଡାକଘର, ପି.ସନ୍ତୋଷ ପିଏ, ରାୟଗଡ଼ା ପ୍ରଧାନ ଡାକଘର, ଉପ ଡାକପାଳ ରାଜେଶ ରାଇପଲ୍ଲୀ, ଉପ ଡାକଘର ରାୟଗଡ଼ା କଲେଜଙ୍କୁ ପୁରସ୍କୃତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିନୋଦ କୁମାର ଆଗକୁ ଡାକ ବିଭାଗର ଉନ୍ନତ ମାନର ସେବା ଦେଇ ପରିଚାଳନା କରିବା ସହ ବିଭିନ୍ନ ଆକର୍ଷଣୀୟ ସ୍କିମ୍ ଜରିଆରେ ଯୁବ ବର୍ଗଙ୍କୁ ବହୁତ ସଂଖ୍ୟାରେ ଡାକ ବିଭାଗ ପ୍ରତି ଆଗ୍ରହ ସୃଷ୍ଟି କରିବା ମୂଳ ଲକ୍ଷ୍ୟ ଅଟେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଡାକ ବିଭାଗ କର୍ମଚାରୀ ମାନେ ଯୋଗଦାନ କରିଥିଲେ।

## ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ

ରାୟଗଡା,୭।୧୧(ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ(ଡିଏଲଏସଏ)ର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଦିନ ସ୍ଥାନୀୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାୟଗଡା କାର୍ଯ୍ୟାଳୟ ପରିସରରେ ‘ଶିଶୁ ବିବାହ ନୁହେଁ, ଶିକ୍ଷା ହିଁ ଭବିଷ୍ୟତ’, ‘ମାଦକକୁ ନା, ଜୀବନକୁ ହଁ” ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ଶକ୍ତି ଅନୁଷ୍ଠାନର ଡାଇରେକ୍ଟର ରମେଶ ନାଏକ, ପ୍ରୋଟେକ୍ସନ ଅଫିସର ପ୍ରତିମା ଦାସ, ଓଏଲ୍‌ଏମର ଜିଲ୍ଲା କୋର୍ଡିନେଟର ଶିବାନି ପାଣିଗ୍ରାହୀ, ରାୟଗଡା, କାଶିପୁର ଓ କୋଲନରା ବ୍ଲକର ସମସ୍ତ ଜେଣ୍ଡର ସିଆରପି ଓ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ପାନେଲ ଓକିଲ ଓ ପିଏଲଭି ପ୍ରମୁଖ ଉପସ୍ଥିତ ଥିଲେ ଓ ଉପସ୍ଥିତ ଥିବା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ ବାଲ୍ୟ ବିବାହକୁ କିପରି ରୋକିବା, ବାଲ୍ୟ ବିବାହ ଅଟେ ଏକ ଅପରାଧ ଏହାକୁ କିପରି ସମାଜରୁ ଉଚ୍ଛେଦ କରିବା ସେ ବିଷୟରେ ଅଂଶଗ୍ରହଣକାରୀ ମାନଙ୍କୁ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ବାଲ୍ୟ ବିବାହ କରୁଥିଲେ କିମ୍ବା କରିବା ପାଇ ସହଯୋଗ କରୁଥିଲେ ଜେଲ, ଆର୍ଥିକ ଦଣ୍ଡ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବାର ଆଇନରେ ବ୍ୟବସ୍ଥା ଅଛି ବୋଲି ସମସ୍ତ ଅଂଶଗ୍ରହଣକାରୀ ମାନଙ୍କୁ ସଚେତନ କରାଇଥିଲେ। ଶେଷରେ ସମସ୍ତ ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ଶିଶୁ ବିବାହ ବିରୋଧରେ ଏକ ଶପଥପାଠ କରି ‘ମାଦକକୁ ନା ଜୀବନକୁ ହଁ” ଉପରେ ଏକ ପ୍ରଭାତ ଫେରୀ କାର୍ଯ୍ୟକ୍ରମ କରାଯାଇଥିଲା । ରାୟଗଡା, କାଶିପୁର ଓ କୋଲନରା ବ୍ଲକର ସମସ୍ତ ଜେଣ୍ଡର ସିଆର୍‌ପି ଓ ଅତିଥଙ୍କ ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/21 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ମୁଖ୍ୟ ଆର୍ଥିକ ଅଧିକାରୀ | 1 | 57 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 05.01.2026 ରୁ 27.01.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 05.01.2026
**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**

# ଜନଜାତି ମହୋତ୍ସବ ପୁଷପୁନିଂ ଭେଟ୍‌ଘାଟ୍ ଉଦ୍‌ଯାପିତ



କୁନ୍ଦୁରା,୭।୧(ସମିସ): କୁନ୍ଦୁରା ବ୍ଲକ ସାଗରଗୁଡା ସ୍ଥିତ ପଡିଆ ଠାରେ ଦୁଇ ଦିନ ଧରି ଚାଲିଥିବା ପୁଷପୁନିଂ ଭେଟଘାଟ ଆଜି ଶେଷ ହେଲା ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ପଞ୍ଚାୟତ ସମିତି ଅଧାକ୍ଷ ବନିତା କାନ୍ଦଲିଆ, ଜିଲ୍ଲା ପରିଷଦ ସଭ୍ୟା କନକ ଲତା ପେଣ୍ଠିଆ, ଏମପି ପ୍ରତିନିଧି ଅମ୍ଭୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, କୁନ୍ଦୁରା ମଣ୍ଡଳ ସଭାପତି ପଦ୍ମନ ବିଷୋୟୀ, ଦିଗାପୁର ମଣ୍ଡଳ ସଭାପତି ଧନପତି ପରଜା, ଉପଦେଷ୍ଟା ଚନ୍ଦ୍ର ସାଗରିଆ, ସଙ୍ଘ ସମ୍ପାଦକ ତ୍ରିନାଥ ସମରଥ, ପରାମର୍ଶ ଦାତା ତ୍ରିନାଥ ହରିଜନ, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ, ଅନାମ ଦିଆନ, ସୁରେନ୍ଦ୍ର ପରଜା, ଦୈତାରୀ ମଲ୍ଲିକ ଏବଂ ମନୋହର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ୩୩ ବର୍ଷର ନିଆରା ପରମ୍ପରା ଅଧିବାସୀ ମାନଙ୍କ ରୀତିନୀତି, ବେଶଭୂଷା, ଖାଦ୍ୟପେୟ, ସଂସ୍କୃତି ଏବଂ ଚାଲିଚଳନକୁ ନେଇ ଅନୁଷ୍ଠିତ ହୋଇଥିଲା। ମ ଦ୍ୱିତୀୟ ଦିନରେ ଏଠାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ପୂଜକ, ଗୁରୁମାଇ,ଢ଼ିସାରି, ଶିରା ମାନଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା। ସେହିଭଳି ପୁରୁଣା କାଳର ନାଟକ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ମୁଦ୍ରା ମାଝୀ, ବଂଶୀବଦାନ, ଙ୍ଗିଯୋଡି, ଢେମସା, ଗରଣ୍ଡୀ ନୃତ୍ୟ, ଦଣ୍ଡହାଳିଆ, ଚଇତ ପରବ ଗୀତ, ଗୀତ ମରା, ରାମ ଜନ୍ମ, ଟୁଡରା, ପୁଷ ନୃତ୍ୟ ଭଳି ନୃତ୍ୟ ଗୁଡିକୁ ଏଠାରେ ପରିବେଷଣ କରାଯାଇଥିଲା। କୁନ୍ଦୁରା ବ୍ଲକ ଠାରେ ବସବାସ କରୁଥିବା ବିଭିନ୍ନ ସମ୍ପ୍ରଦାୟ, ବିଭିନ୍ନ ସମାଜର ମହିଳା ପୁରୁଷ ମାନେ ସେମାନଙ୍କ ପରମ୍ପରା ମୁତାବକ ସହିଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ ପଡିଆ ଠାରେ ରହିଥିବା ବୁଢ଼ୀ ଠାକୁରାଣୀ ମନ୍ଦିରରେ ରୀତିନୀତି ଅନୁସାରେ ପୂଜାପାଠ କରାଯାଇଥିଲା। ଏହି ଅବସରରେ ଏଠାରେ ବିଭିନ୍ନ ସଂସ୍ଥା ଦ୍ୱାରା ଷ୍ଟଲ ଗୁଡିକ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ସଞ୍ଜୟ ସାହୁ, ଦେଶିଆ କଣ୍ଠ ଶିଳ୍ପୀ ଶୁକଦେବ ବାରିକ, ଲିମା ଉଚ୍ଚ ବିଦ୍ୟାଳୟର ମାଟ୍ରିକ ଟପ୍ପର ସ୍ନେହାସ୍ମିତା ଚୌଧୁରୀ, ଚେରମୁଳି ବୈଦ୍ୟ ଦୁଡ଼ାବେଢ଼ା ଗ୍ରାମର ଜୟ ସାନ୍ତା ଉପଢୌକନ ଏବଂ ମାନପତ୍ର ଦେଇ ପୁଷପୁନିଂ ମହୋତ୍ସବ ସମ୍ମାନିତ ସମ୍ମାନିତ କରାଯାଇଥିଲା।

